# Akashvani, Sambalpur

## SAMBALPURI NEWS EVENING BULLETIN

## 23 March 2026-7.02- 7.12 pm.

---

୧- ଭାରତ୍ ସବୁବେଲେ ମାନବତାର୍ ସ୍ୱାର୍ଥ ଲାଗି ଶାନ୍ତି ବାଟେ ଚାଲିଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ପଶ୍ଚିମ ଏସିଆ ନ ଲାଗିଥିବା ସ୍ଥିତି ବାବ୍‌ଦେ ଲୋକସଭା ନ ଦେଲେ ଉଦ୍‌ବୋଧନ୍ ।

୨- ବିଧାନ୍‌ସଭା ନ କୃଷି ଆଉ ସମବାୟ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

୩- ଆବଶ୍ୟକତାକେ ନଜର୍‌ଥି ରଖିକରି ବ୍ୟବସାୟିକ ରନ୍ଧା ଗେସ୍ ଯୋଗାଣ ପରିମାଣ୍ ବଢ଼ାଯିବା- କହେଲେ ଯୋଗାଣମନ୍ତ୍ରୀ ।

ଆଉର୍

୪- ସ୍ୱାନିସ୍ ପାରା ବେଡ୍‌ମିଂଟନ୍ ଇଂଟର୍‌ନେସ୍‌ନାଲ୍‌ଥି ୨ ଟା ସ୍ୱର୍ଣ୍ଣ ଆଉ ଗୁଟେ ରୌପ୍ୟ ପଦକ୍ ଜିତ୍‌ଲେ ପ୍ରମୋଦ୍ ଭଗତ୍ ।

ପ୍ରଧାନ୍‌ମନ୍ତ୍ରୀ-ଲୋକସଭା ପି.ଆଇ.ବି.

ମାନବତାର୍ ସ୍ୱାର୍ଥଥି ଭାରତ୍ ସବୁବେଲେ ଶାନ୍ତି ଲାଗି ଠିଆ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ପଶ୍ଚିମ ଏସିଆ ନ ଚାଲିଥିବା ସଂଘର୍ଷ ବାବ୍‌ଦେ ଲୋକସଭା ନ ଉଦ୍‌ବୋଧନ୍ ଦେଇକରି କହିଛନ୍, ଆଲୋଚନା ଆଉ କୁଟନୀତି ହେଉଛେ ଇସବୁ ସମସ୍ୟାର୍ ଗୁଟେ ମାତ୍ର ସମାଧାନ୍ । ଉତେଜନା କମ୍ କର୍‌ବାର୍ ସହେତେ ସଂଘର୍ଷ ବନ୍ଦ୍ କର୍‌ବାର୍ ଲାଗି ଭାରତ୍ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଯୁଦ୍ଧ ପ୍ରଭାବିତ୍ ଦେଶ୍‌ମାନ୍‌କର୍ ସଙ୍ଗେ ଭାରତ୍‌ର ବ୍ୟାପକ୍ ବାଣିଜ୍ୟିକ ସମ୍ପର୍କ ରହିଛେ । ହର୍‌ମୁଚ୍ ପ୍ରଣାଲୀ ଦେଇକରି ଭାରତ୍‌କେ ତେଲ୍, ଗେସ୍ ଆଉ ସାର୍ ବାଗିର୍ ଜିନିଷ୍ ଆନ୍‌ବାର୍‌ଟା ବହୁତ୍ କଡ଼ା ହେଇଯାଇଛେ । ଇତାର୍‌ସହେତେ ଯୁଦ୍ଧ ପ୍ରଭାବିତ୍ ଦେଶ୍‌ମାନ୍‌କେ ଭାରତ୍‌ର ୧ କୋଟିନୁ ଅଏତ୍‌କା ନାଗରିକ ରହୁଛନ୍ । ସେମାନ୍‌କର୍ ସୁରକ୍ଷାକେ ଭିଲ୍ ନଜର୍‌ଥି ରଖାଯାଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବିଧାନ୍‌ସଭା           ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୧୧ ନମ୍ବର୍ ଦିନେ ଆଏଜ୍ ଭିଲ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ । ଘଟ୍‌ନାଥି ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ଇସ୍ତଫା ଦାବି କରିକରି ବିରୋଧୀ ସଦସ୍ୟମାନେ ଜବର୍ କିର୍ଲାଗଗା କର୍‌ବାର୍‌ନୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟମାନ୍‌କୁ ଗୃହକାର୍ଯ୍ୟ ସୁରୁଖୁରୁଥି ଚଲାବାର୍ ଲାଗି ଅନୁରୋଧ୍ କରିଥିଲେ । ମାତରକ କେହି ନାଇଁ ଶୁନ୍‌ବାର୍‌ନୁ ବାଚସ୍ପତି ବାର୍‌ବାର୍ ଗୃହକେ ମୁଲ୍‌ତବୀ କରିଥିଲେ । ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ଆଏଜ୍ ଉପର୍‌ବେଲା କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ଆଉ ସମବାୟ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ୨୦୨୬-୨୭ ଆର୍ଥିକ୍ ବଛ୍‌ରେ କୃଷି ବିଭାଗ୍ ଲାଗି ୧୫ ହଜାର୍ ୩୯ କୋଟି ୮୮ ଲାଖ୍ ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଥିଲା ବେଲେ ସମବାୟ ମନ୍ତ୍ରୀ ପ୍ରଦୀପ୍

ବଲସାମନ୍ତ ୨ ହଜାର୍ ୪ ଶହ ୩୪ କୋଟି ୪୬ ଲାଖ୍ ନୁ ଅଏତ୍କା ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ କରିଛନ୍ ।

ବିଧାନ୍‌ସଭା-ଅଭିଯୋଗ୍ ଶୁଣାଣି ହି.ସ.

ବିଧାୟକ୍‌ମାନେ ଏତ୍‌କର ଡିଜିଟାଲ୍ ମାଧ୍ୟମ୍‌ଥି ଲୁକ୍‌କର୍ ଅଭିଯୋଗ୍ ଶୁନ୍‌ବେ ବଲି ସଂସଦ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବିଧାନ୍‌ସଭାକେ ସୂଚ୍‌ନା ଦେଇଛନ୍ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ସାଧାରଣ୍ ଲୁକ୍‌କର୍ ଅସୁବିଧା ଆଉ ଅଭିଯୋଗ୍‌କେ ତୁର୍‌ତି ଗ୍ରହଣ୍ କରିକରି ସମାଧାନ୍ କର୍‌ବାର୍ ଲାଗି ବିଧାୟକ୍‌ମାନ୍‌କର୍ ଲାଗି ଗୁଟେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବ୍ୟବସ୍ଥା ଖୋବ୍ ଜଲ୍‌ଦି କରାଯିବା । ସର୍‌କାର୍ ଇ ଦିଗେ ବିଚାର୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ବିଧାନ୍‌ସଭା-ସ୍ୱାସ୍ଥ୍ୟମନ୍ତ୍ରୀ ହି.ସ.

ଓଡ଼ିଶା ରାଜ୍ୟ ଔଷଧ ନିଗମ୍ ତର୍ଫୁ ଗଲା ୨ ବଛର୍ ଭିତ୍ରେ ୧୭ ହଜାର୍ ୮ ଶହ ୨୮ ଟା ଉଷୋର୍ ନମୁନା ପରୀକ୍ଷଣ୍ କରାଯାଇଛେ । ସେଥିର୍ଭିତ୍ରୁ ୪୦ ଟା ଉଷୋ ନିମ୍ନମାନର୍ ଘୋଷିତ୍ ହେଇଛେ ବଲି ବିଧାନ୍ସଭା ନ ଆଏଜ୍ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ଥି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍, ନିମ୍ନମାନର୍ ଉଷୋକଷାକେ ନେଇକରି ସର୍କାର୍ଙ୍କର୍ ତର୍ଫୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଉଛେ । ଯେନ୍ କମ୍ପାନୀ ଇ କାମ୍ଥି ସମ୍ପୃକ୍ତ ରହୁଛନ୍ ସେମାନ୍କୁ କଳାତାଲିକାଭୁକ୍ତ କରାଯାଇଛେ । ଲୁକ୍କର୍ ଜାନ୍ବାର୍ ଲାଗି ଇ କମ୍ପାନୀମାନ୍କର୍ ବାବ୍ଦେ ଔଷଧ୍ ନିଗମ୍ର ୱେବ୍ସାଇଟ୍ଥି ଅପ୍ଡେଟ୍ କରାଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ-ରାଜ୍ୟପାଲ୍ ସାକ୍ଷାତ୍ ଆଇ.ଆଣ୍ଡ୍.ପି.ଆର୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ନୂଆଦିଲ୍ଲୀର୍ ସଂସଦ୍ ଭବନ୍ ପରିସର୍ ନ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ସାକ୍ଷାତ୍ କରିଛନ୍ । ଇ ବାବ୍ଦେ ସୂଚ୍ନା ଦେଇକରି ରାଜ୍ୟପାଲ୍

କହିଛନ୍, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ସାଙ୍ଗେ ବୈଠକ୍ ସକାରାତ୍ମକ ଆଉ ଗଠନ୍‌ମୂଲକ୍ ଥିଲା । ଇ ଅବ୍‌ସରେ ଓଡ଼ିଶାର୍ ଉନ୍ନତି ଆଉ ପ୍ରଗତି ବାବଦ୍ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯାଇଥିଲା । ଓଡ଼ିଶାର୍ ବିକାଶ୍ ଧାରାକେ ଆଗ୍‌କେ ବଢ଼ାବାର୍ ଦିଗେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ସହଯୋଗ୍ ସବୁବେଲେ ରହିଆସିଛେ ବଲି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଯୋଗାଣମନ୍ତ୍ରୀ ହି.ସ.

ରାଏଜେ ରନ୍ଧା ଗେସ୍ ସଙ୍କଟ୍‌କେ ନେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ତରଫୁ ଆଏଜ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍, ରାଏଜେ ରନ୍ଧା ଗେସ୍‌ର ଅଭାବ୍ ନାଇଁନ । ଘରୋଇ ଉପଭୋକ୍ତାମାନ୍‌କର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ସର୍‌କାର୍ ସବୁ ସମ୍ଭବ୍ ଚେରେଷ୍ଟା କରୁଛନ୍ । ବ୍ୟବସାୟିକ ଅନୁଷ୍ଠାନ୍ ଆଉ ହୋଟେଲ୍ ମାନ୍‌କୁ ଦିଆଯାଉଥିବା ରନ୍ଧା ଗେସ୍ ଯୋଗାଣ ପରିମାଣ୍‌କେ ଆଉ ୨୦ ପ୍ରତିଶତ୍ ବଢ଼ାଯାଇଛେ । ଖୋବ୍ ଜଲ୍‌ଦି ବ୍ୟବସାୟିକ ଗେସ୍ ଯୋଗାଣ୍‌ର

ପରିମାଣ୍ ୫୦ ପ୍ରତିଶତ୍‌କେ ବଢ଼ାଯିବା ବଲି ଯୋଗାଣମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ଯୋଗାଣମନ୍ତ୍ରୀ)

ରତ୍ନ ଅଲଙ୍କାର୍‌ର ଗନ୍‌ତିମନ୍‌ତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ରତ୍ନ ଅଲଙ୍କାର୍‌ର ଗନ୍‌ତିମନ୍‌ତି ପ୍ରକ୍ରିୟା ଆଏବା ବୁଧବାର୍ ଦିନୁ ରାଜ୍ୟ ସର୍‌କାର୍‌ଙ୍କର୍ ଧାରିଜ୍ ମାର୍ଗଦର୍ଶିକା ଅନ୍‌ସାରେ ମୁଲ୍ ହେବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ପରିସର୍ ନ ଆଏଜ୍ ଗନ୍‌ତି ମନ୍‌ତି ପ୍ରସ୍ତୁତି ବାବଦ୍ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି କହିଛନ୍, ସବୁ କାମ୍‌କେ ଫଟୋଗ୍ରାଫି କରାଯିବାର୍ ସହେତେ ମାହାପୁରୁମାନ୍‌କର୍ ନୀତିକାନ୍ତିଥି ଗୁରୁତ୍ୱ ଦିଆଯାଇଛେ । ୧୯୭୮ ମସିହାର୍ ତାଲିକା ଅନ୍‌ସାରେ ଗନ୍‌ତି ମନ୍‌ତି କରାଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ବୈଠକ୍‌ରୁ ଗନ୍‌ତି ପ୍ରକ୍ରିୟାର୍ ନେତୃତ୍ୱ ନେଉଥିବା ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ, ଭାରତୀୟ ରିଜର୍ଭ ବେଙ୍କ୍‌ର ଅଧିକାରୀ, ସେବାୟତ, ଶ୍ରୀମନ୍ଦିର ଅଧିକାରୀ ଆଉ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

ପ୍ରମୋଦ୍ ଭଗତ୍ ହି.ସ.

ବର୍‌ଗଡ଼୍ ଜିଲ୍ଲାର୍ ପାରା କ୍ରୀଡ଼ାବିତ୍ ପ୍ରମୋଦ୍ ଭଗତ୍ ସ୍ପେନ୍ ନ ଚାଲିଥିବା ସ୍ପାନିସ୍ ପାରା ବେଡ଼୍‌ମିଂଟନ୍ ଇଂଟର୍‌ନେସ୍‌ନାଲ୍ ୨୦୨୬ ଥି ୨ ଟା ସ୍ୱର୍ଣ୍ଣ ଆଉ ଗୁଟେ ରୌପ୍ୟ ପଦକ୍ ଜିତିକରି ଦେଶ୍ ଲାଗି ଫେର୍‌ଘାଏ ଗୌରବ୍ ଆନିଛନ୍ । ପ୍ରମୋଦ୍‌ଙ୍କର୍ ଇ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଶୁଭେଚ୍ଛା ଜନେଇଛନ୍ । ପ୍ରମୋଦ୍‌ଙ୍କର୍ ଅଦମ୍ୟ ସାହସ୍, ନିଷ୍ଠା ଆଉ ଉତ୍କର୍ଷ ଆଏଜ୍ ସାରା ଦେଶେ ତହଁକ୍ ସାଜିଛେ । କଠିନ୍ ପରିଶ୍ରମ୍ ଜରିଏ ଆଏଜ୍ ବିଶ୍ୱସ୍ତର୍ ନ ଫେର୍‌ଘାଏ ଓଡ଼ିଶାର୍ ପରିଚୟକେ ସେ ବର୍‌କସ୍ କରିପାରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଅଗ୍ନି ନିରାପତା କର୍ମଶାଳା       ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସହରୀ ଇଲାକାମାନ୍‌କେ ଅଗ୍ନି ନିରାପତା ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଆଉ ଓଡ଼ିଶା ଅଗ୍ନିଶମ ସେବା ତର୍‌ଫୁ ଗୁଟେ ସଚେତନତା କର୍ମଶାଳା ହେଇଯାଇଛେ । ଆଭାସୀ ଜରିଏ ହେଇଥିବା କର୍ମଶାଳାଥି ନଗର ଉନ୍ନୟନ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ଯୋଗ୍ ଦେଇକରି ଅଗ୍ନି ନିରାପତାକେ ଖାଲି ନିୟମ୍ ପାଲନ୍ ଭାବେ ନାଇଁ ଦେଖିକରି ସହରୀ ଶାସନ୍ ବ୍ୟବସ୍ଥାର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗ୍ରହଣ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଆଏବା ଶନିବାର୍ ଦିନ ସାରା ରାଏଜେ ଅଗ୍ନି ନିରାପତା ମକ୍‌ଡ୍ରିଲ୍ କରାଯିବା ବଲି ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର୍ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ ।

ଶହୀଦ୍ ଦିବସ୍       ଆର୍‌ଏନ୍‌ୟୁ /  ସମ୍ବଲପୁର

ଇଂରେଜ୍ ସର୍କାର୍ଙ୍କର୍ ଅତ୍ୟାଚାର୍ ବିରୋଧ୍ଥି ଆନ୍ଦୋଲନ୍ କରିଥିବାର୍ ଅଭିଯୋଗ୍ଥି ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ୍ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖଦେବ୍ ଥାପର୍ ଆର୍ ଶିବରାଜ୍ ରାଜ୍ଗୁରୁଙ୍କୁ ଫାଶି ଦିଆୟାଇଥିଲା । ଦେଶ୍କେ ସ୍ୱାଧୀନ୍ କର୍ବାର୍ ଦିଗେ ଶହୀଦ୍ ମାନ୍କର୍ ପରାକ୍ରମ୍ ଆଉ ବଳିଦାନ୍କେ ସୁର୍ତା କର୍ବାର୍ ଲାଗି ଆଏଜ୍ ସାରା ଦେଶେ ଶହୀଦ୍ ଦିବସ୍ ପାଲନ୍ କରାୟାଉଛେ ।

ଶହୀଦ୍ ଦିବସ୍ ଅବ୍ସରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ, ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଦେଶ୍ ସ୍ୱାଧୀନ୍ ଦିଗେ ଶହୀଦ୍ ମାନ୍କର୍ ବଳିଦାନ୍ ଭାରତ୍ବାସୀଙ୍କର୍ ଭିତ୍ରେ ସବୁଦିନ ଦେଶପ୍ରେମର୍ ଭାବ୍ନା ଜାଗ୍ରତ୍ କର୍ବା ବଲି କହିଛନ୍ ।

ବର୍ଗଡ଼୍ ଶୀତଲ୍ ଭଣ୍ଡାର୍ ଲୋକାର୍ପିତ୍    ବର୍ଗଡ଼୍ ସମ୍ବାଦଦାତା

ବର୍‌ଗଡ୍‌ ଜିଲ୍ଲା କୁରୁଆଁ ଠାନେ ୫ ହଜାର୍ ମେଟ୍ରିକ୍ ଟନ୍‌ର ଗୁଟେ ଶୀତଲ୍ ଭଣ୍ଡାର୍ ଲୋକାର୍ପିତ୍ ହେଇଛେ । ଶୀତଲ୍‌ଭଣ୍ଡାର୍‌କେ ବର୍‌ଗଡ୍ ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ଉଦ୍‌ଘାଟନ୍ କରିକରି ଜିଲ୍ଲା ନ କୃଷିର୍ ବିକାଶ୍ ଦିଗେ ଗୁଟେ ନୂଆଁ ଶକ୍ତି ଜୁଡ଼ି ହେଲା ବଲି କହିଛନ୍ । ଇ ଅବ୍‌ସରେ ବିଧାୟକ୍ ଶ୍ରୀ ଷଡ଼ଙ୍ଗୀ ଉଦ୍ୟାନ କୃଷି ଦକ୍ଷତା ତାଲିମ୍ ଆଉ ବିକାଶ୍ କାର୍ଯ୍ୟକ୍ରମ୍‌ର ଭିଲ୍ ଶୁଭାରମ୍ଭ କରିଛନ୍ ।

ଜମି ବିବାଦ୍ ମାମ୍‌ଲା ଫଏସଲା ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ରିଆମାଲ୍ ତହସିଲ୍ କାର୍ଯ୍ୟାଳୟ ତର୍‌ଫୁ ଓଡ଼ିଶା ସର୍ଭେ ଆଉ ସେଟଲ୍‌ମେଂଟ୍ ଅଧିନିୟମ୍-୧୯୬୨ ଅନ୍‌ସାରେ ଶହେ ୩୧ ଟା ଜମିଜମା ବିବାଦ୍ ମାମ୍‌ଲାର୍ ଶୁଣାଣି କରାଯାଇଥିଲା । ସେଥିର୍‌ଭିତ୍‌ରୁ ୨୪ ଟା ମାମ୍‌ଲାର୍ ଫଏସଲା କରାଯାଇକରି ହିତାଧିକାରୀମାନ୍‌କୁ ରେକର୍ଡ଼ ଅଧିକାର୍ ହସ୍ତାନ୍ତର୍ କରାଯାଇଥିଲା ।

ଉଦନ୍ତୀ ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ହାଇସ୍କୁଲ୍ ପଡ଼ିଆ ନ ଆଏବା ୨୭ ନୁ ୨୯ ତାରିଖ୍‌ତକ୍ ଉଦନ୍ତୀ ମହୋତ୍ସବ୍-୨୦୨୬ ପାଲନ୍ କରାଯିବା । ଇ ବାବ୍‌ଦେ ମହୋତ୍ସବ୍ କମିଟି ତର୍‌ଫୁ ଆଏଜ୍ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩ ଦିନ୍‌ତକ୍ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ବଡ଼ଭାଗୀ ଜାଗା ନ ଧୁକାଗର୍ଦ୍ଦି ଆଉ ବର୍ଷା ହେଇପାରେ । ଇ ହପ୍ତାର୍ ଶେଷ୍‌ତକ୍ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।